# aurAkashvani, Sambalpur

# SAMBALPURI NEWS BULLETIN

## 18 August 2025 - 6.47- 6.52 am.

*********************************************

ଏନ୍‌ଡିଏ-ଉପରାଷ୍ଟ୍ରପତି ପ୍ରାର୍ଥୀ ଏନ୍‌ଏସ୍‌ଡି

ବିଜେପିର୍ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମହାରାଷ୍ଟ୍ର ରାଜ୍ୟପାଲ ଚନ୍ଦ୍ରପୁରମ୍ ପୋନ୍ନୁସ୍ୱାମୀ ରାଧାକ୍ରିଷ୍ଣନ୍‌ଙ୍କୁ ମନୋନୀତ୍ କରାଯାଇଛେ । ଗଲାକାଏଲ୍ ଦଲର୍ ସଂସଦୀୟ ଦଲ୍ ବୈଠକ୍‌ଥି ତାଙ୍କର୍ ନାଁ ଉପ୍‌ରେ ସହମତି ହେଇଛେ ବଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ସୂଚ୍‌ନା ଦେଇଛନ୍ । ଶ୍ରୀ ରାଧାକ୍ରିଷ୍ଣନ୍ ଆଏବା ୨୧ ତାରିଖ୍ ଉପରାଷ୍ଟ୍ରପତି ପଦ୍ ଲାଗି ନାମାଙ୍କନ ପତ୍ର ଦାଖଲ କର୍‌ବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ-ସମୀକ୍ଷା I&PR

ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ ନାଏକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ବିଭାଗ୍‌ର ଉନ୍ନୟନ୍ କାମ୍ ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ ଗୃହ, ସେତୁ ଆଉ ରାସ୍ତା ତିଆର୍ କାମ୍ ମାନ୍‌କର୍ ସମୀକ୍ଷା କରିକରି ବିଭାଗ୍‌ର ୬୦ ଟା ବିଭାଜନ୍‌ର କାମ୍ ସବୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଡେରି ହେଲେ ଅଧିକାରୀମାନ୍‌କର୍ ଦର୍‌ମା କଟାଯିବା ବଲି ମନ୍ତ୍ରୀ ତାଗିଦ୍ କରିଛନ୍ । ଡେରି ହଉଥିବା ପ୍ରକଳ୍ପ କାମ୍ ମାନ୍‌କର୍ କ୍ଷେତ୍ରସ୍ତରୀୟ ସମୀକ୍ଷା ଲାଗି ଖାସ୍ ଟିମ୍ ଗଠନ୍ କରାଯିବା ବଲି ମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍‌ନା -୪ ର ଭଲ ପ୍ରଦର୍ଶନ୍ ଦେଖିକରି ମନ୍ତ୍ରୀ ଶ୍ରୀ ନାଏକ୍ ପ୍ରଶଂସା କରିଛନ୍ ।

ଚାଷୀ ପଞ୍ଜିକରଣ ସମୟ ବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଖରିଫ୍ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ସମିଆକେ ବଢ଼େଇଛନ୍ । ଆଘୋନୁ ପଞ୍ଜିକରଣ୍ ତାରିଖ୍ ଇ ମାସର୍ ୨୦ ତାରିଖ୍ ଥିଲା । ହେଲେ ନୂଆଁ ପଞ୍ଜିକରଣ୍ ନିୟମ୍ ଲାଗି ପ୍ରକ୍ରିୟା ଡେରି ହେଉଥିବାର୍‌ନୁ ବହୁତ୍ ଚାଷୀ ଏବ୍‌ତକ୍ ପଞ୍ଜିକରଣ୍ କରି ନାଇଁ ପାରି ।

ଇତାକେ ନଜର୍‌ଥି ରଖିକରି ସବୁ ଚାଷୀଙ୍କର୍ ପଞ୍ଜିକରଣ୍ ଲାଗି ଇ ସମିଆକେ ରାଜ୍ୟ ସର୍‌କାର୍ ବଢ଼େଇଥିବାର୍ ଜନାପଡ଼ିଛେ । ଇ ବାବ୍‌ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ସବୁ ବିଭାଗ୍‌କେ ଚିଠି କରାଯାଇଛେ ।

ଓଡ଼ିଶା ଯାତ୍ରୀ ଆପ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୋବ୍ ଜଲ୍‌ଦି ଓଡ଼ିଶା ଯାତ୍ରୀ ଆପ୍‌ଥି ଆମ୍ବୁଲାନ୍ସ ଆଉ ବୋଟିଂ ସେବା ମୁଲ୍ କରାଯିବା ବଲି ପରିବହନ୍ ବିଭାଗ୍ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ କହିଛନ୍ । ସେ କହିଛନ୍, ଇ ବାବ୍‌ଦେ ବିଭାଗ୍ ତର୍‌ଫୁ ଯୋଜ୍‌ନା ଚାଲିଛେ । ସେନ୍ତା ଖୋବ୍ ଜଲ୍‌ଦି ସବୁ ସହର୍ ନ ଓଡ଼ିଶା ଯାତ୍ରୀ ଆପ୍ ସେବା ଯୁଗେଇ ଦେବାର୍‌କେ ଭିଲ୍ ଯୋଜ୍‌ନା କରାଯାଇଛେ । ୨୦୨୪ ଅକ୍ଟୋବର୍ ନୁ ୨୦୨୫ ଜୁଲାଇ ଭିତ୍‌ରେ ଓଡ଼ିଶା ଯାତ୍ରୀ ଆପ୍‌ଥି ଅଢ଼େଇ ଲାଖ୍ ନୁ ଅଏତ୍‌କା ଲୋକ୍ ଯାତ୍ରା କରିଥିଲା ବେଲ୍‌କେ ସେଥି ୫୭ ପ୍ରତିଶତ୍‌ନୁ ଅଏତ୍‌କା ମହିଲା ଯାତ୍ରା କରିଛନ୍ ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ଇଗ୍ନୁ- ଡିଇସି ପାଠ୍ୟକ୍ରମ୍ ଓଡ଼ିଆ ବହି       I&PR

ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଡିଇସିଇ ପାଠ୍ୟକ୍ରମ୍ ଲାଗି ଓଡ଼ିଆ ଭାଷା ବହି ଆଏଜ୍ ଉନ୍ମୋଚନ୍ କରାଯିବା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଓଡ଼ିଆ ବହି ଉନ୍ମୋଚନ୍ କର୍‌ବେ । ସୂଚ୍‌ନା ଅନ୍‌ସାରେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଭିନ୍ ଭିନ୍ ପାଠ୍ୟକ୍ରମ୍‌କେ ଓଡ଼ିଆ ଭାଷାଥି ପ୍ରଚଲନ୍ ଲାଗି ଗଲା ଜୁନ୍ ୯ ତାରିଖ୍ ଦିନ ଉଚ୍ଚଶିକ୍ଷା ବିଭାଗ୍ ଆଉ ମୁକ୍ତ ବିଶ୍ୱବିଦ୍ୟାଳୟ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଥିଲା ।

ଇଗ୍ନୁ ନାଁ ଲେଖା ସମିଆ ବୃଦ୍ଧି                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଜୁଲାଇ ୨୦୨୫ ପାଠ୍ୟକ୍ରମ୍ ଲାଗି ନାଁଲେଖା ସମିଆକେ ଇ ମାସର୍ ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଇଗ୍ନୁ ୱେବ୍‌ସାଇଟ୍‌ଥି ଲଗ୍‌ଇନ୍ କରିପାର୍‌ବେ ।

ନବୀନ୍ ପଟ୍ଟନାୟକ୍-ଅସୁସ୍ଥ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ ସଭାର୍ ବିରୋଧୀ ଦଲ୍ ନେତା ନବୀନ ପଟ୍ଟନାୟକଙ୍କୁ ଅସୁସ୍ଥତା ଲାଗି ଭୁବନେଶ୍ୱର ଗୁଟେ ଘରୋଇ ଡାକ୍ତରଖାନା ନ ଭର୍ତ୍ତି

କରାଯାଇଛେ । ଇହାଦେ ତାଙ୍କର ଚିକିତ୍ସା ଚାଲିଛେ ଆଉ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜନାପଡ଼ିଛେ । ବିରୋଧୀ ଦଲର୍ ନେତାଙ୍କର୍ ଅସୁସ୍ଥତା ଖବର ପାଇକରି ଗଲାକାଏଲ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଡାକ୍ତରଖାନାକେ ଯାଇକରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ ।

ସମଲେଶ୍ୱରୀ ମନ୍ଦିର୍-ଭଜନ୍ ସନ୍ଧ୍ୟା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ମା ସମଲେଶ୍ୱରୀ ମନ୍ଦିର୍ ପରିସର୍ ନ ଭଜନ୍ ସନ୍ଧ୍ୟା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଟ୍ରଷ୍ଟବୋର୍ଡ଼ ଆଉ ସ୍ଥାନୀୟ କଲାକାର୍ ମାନ୍କର୍ ଚେରେଷ୍ଟାଥି ମୁଲ୍ ହେଇଥିବା କାର୍ଯ୍ୟକ୍ରମ୍କେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଉଦ୍‌ଘାଟନ୍ କରିଛନ୍ । ସ୍ଥାନୀୟ କଲାକାର୍ ମାନ୍କର୍ ଭକ୍ତି ସଂଗୀତ୍ଥି ମନ୍ଦିର୍ ପରିସର୍ ଶ୍ରଦ୍ଧାଳୁମାନେ ବିମୋହିତ୍ ହେଇଯାଇଥିଲେ ।

ପୁରୀ ଶ୍ରୀମନ୍ଦିର-ବନଭୋଜି ବେଶ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର୍ ବନଭୋଜି ବେଶ ହେବା । ଜନ୍ମାଷ୍ଟମୀ ଦିନୁ ଶ୍ରୀମନ୍ଦିର୍ ନ ଶ୍ରୀକୃଷ୍ଣ ଜନ୍ମନୀତି ଆଉ ନନ୍ଦୋତ୍ସବ୍ ନୀତି ଉତରୁ ଶ୍ରୀକୃଷ୍ଣ ଲୀଳା ମୁଲ୍ ହେବାର୍କେ ଯାଉଛେ ।ଇ ଅବ୍‌ସରେ ମାହାପୁରୁମାନ୍କୁ ଭିନ୍ ଭିନ୍ ବେଶଥି ସଜାଯିବା । ଆଏଜ୍

ଭୁଦୋ ମାସର୍ ଅନ୍ଧାର୍ ପଖର୍ ଦଶ୍ମୀ ତିଥି ଦିନ ଶ୍ରୀମନ୍ଦିର୍ ବନଭୋଜି ବେଶ ସହେତେ କୋଳିବିକା ନୀତି, ବକାଶୁର ବଧ ଆଉ ଅର୍ଘାସୁର ବଧ ନୀତି ହେବା । ବନଭୋଜି ବେଶଥି ମାହାପୁରୁମାନ୍‌କୁ ପାଖାପାଖି ୧୮ ରକ୍ମର୍ ସୁନା ଅଲଙ୍କାର୍‌ଥି ସଜାଯିବା । ମାହାପୁରୁଙ୍କର୍ ଇ ବେଶ ଦେଖିବାର୍ ଲାଗି ଭକ୍ତଙ୍କର୍ ଜବର୍ ଭିଡ଼୍ ହେସି ।

ବୌଦ୍ଧ - ନୂଆଖାଇ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ନୂଆଖାଇ ଲାଗି ଗଲାକାଏଲ୍ ଲଗନ୍ ଧାରିଜ୍ କରାଯାଇଛେ । ବୌଦ୍ଧଗଡ଼ ରାଜ୍ୟର୍ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କର୍ ଠାନେ ପୂଜାର୍ଚ୍ଚନା କରାଯାଇକରି ଲଗନ୍ ଧାରିଜ୍ ହେଇଛେ । ଆଏବା ୨୮ ତାରିଖ୍ ଗୁରୁବାର୍ ସଖାଳର୍ ୧୦ ବାଜିକରି ୩୯ ମିନିଟ୍‌ନୁ ୧୧ ବାଜିକରି ୨୫ ମିନିଟ୍ ଭିତ୍‌ରେ ମା ଭୈରବୀଙ୍କର୍ ଠାନେ ନବାନ୍ନ ଲାଗି ହେବା । ତାର୍ ଉତ୍‌ରୁ ଜିଲ୍ଲାବାସୀ ନୂଆଁ ଖାଏବେ ବଲି ଜ୍ୟୋତିଷାଚାର୍ଯ୍ୟ ସିଦ୍ଧେଶ୍ୱର ଯୋଷୀ ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ବନିଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍

ଅବପାତ ରୂପ ନେବା । ଇତାର୍ ବଲେ ରାଏଜେ ଆଏବା ୩ ଦିନ୍‌ତକ୍ ବର୍ଷା ଲାଗି ରହେବା । ଆଏଜ୍ ଦକ୍ଷିଣ୍ ଓଡ଼ିଶା ନ ଜବର୍ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ  ଓଡ଼ିଶାର୍ କେତେଟା ଜାଗା ନ ଭିଲ୍ ଘଡ୍‌ଘଡ଼ି ସାଙ୍ଗେ ବର୍ଷା ହେବା ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।